# ସାଲିମାର ପେଣ୍ଟ୍ସ ପକ୍ଷରୁ ହିରୋ ର ଶୁଭାରମ୍ଭ

ଭୁବନେଶ୍ୱର: ଅଗ୍ରଣୀ ପେଣ୍ଟସ୍ କମ୍ପାନୀ, ସାଲିମାର ପେଣ୍ଟ୍ସ ଲିମିଟେଡ ପକ୍ଷରୁ ଏହାର ଫ୍ଲାଗସିପ ପ୍ରଡକ୍ଟ 'ହିରୋ'ର ଶୁଭାରମ୍ଭ କରାଯାଇଛି । ଏହା କମ୍ପାନୀର ଅଭିନବ କ୍ୟାମ୍ପେନ, 'ଅପଗ୍ରେଡ୍ କିୟା କ୍ୟା'ର ଏକ ଅଂଶ ରହିଛି, ଯାହା ଉପଭୋକ୍ତାମାନଙ୍କୁ ଉତ୍କୃଷ୍ଟମାନର ଟେକ୍ନୋଲୋଜିର ବ୍ୟବହାରକରି ପ୍ରସ୍ତୁତ କରାଯାଇଥିବା ପେଣ୍ଟ୍ଗୁଡିକ ସହ ନିଜର ଘରଗୁଡିକୁ ଉନ୍ନତ କରିବା ପାଇଁ ଅନୁପ୍ରାଣିତ କରୁଛି । ସାଲିମାର ପେଣ୍ଟ୍ସ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ଇଲାଷ୍ଟୋମେରିକ ଗୁଣ ଓ ଫାଇବରର ସୁଦୃଢତା ବିଶିଷ୍ଟ ୱାଟରପ୍ରୁଫିଙ୍ଗ୍ ସଲ୍ୟୁଶନ୍ଗୁଡିକର ଏକ ଆଧୁନିକ କଲେକ୍ସନ । ଏହା ୱାଟର ସିପେଜ ଓ ଢାଂଚାଗତ କ୍ଷତିକୁ ରୋକିବା ପାଇଁ ଉତ୍କୃଷ୍ଟ କ୍ରାକ୍-ବ୍ରିଜିଂ କ୍ଷମତା ସୁନିଶ୍ଚିତ କରିଥାଏ, ପ୍ରଭାବୀ ରୂପେ କ୍ଷୁଦ୍ରତମ ଫାଟଗୁଡିକୁ ମଧ୍ୟ ବନ୍ଦ ବା ସିଲ୍ କରିଥାଏ । ସ୍ଥାୟିତ୍ୱ ପ୍ରତି କମ୍ପାନୀର ପ୍ରତିବଦ୍ଧତା ଜିରୋ ଡ୍ୟାମ୍ପ ଆଡ୍ଭାନ୍ସ ଓ ଜିରୋ ଡ୍ୟାମ୍ପ ସ୍ମାର୍ଟ ଭଳି ଉତ୍ପାଦଗୁଡିକରେ ପ୍ରଦର୍ଶିତ ହେଉଛି ଯାହା ଡୁଆଲ ସିପେଜ ରେଜିଷ୍ଟାନ୍ସ ଦେଇଥାଏ ଯାହାକି ଅତ୍ୟଧିକ ଆର୍ଦ୍ରତା କିମ୍ବା ବୃଷ୍ଟିପାତର ସମ୍ମୁଖୀନ ହେଉଥିବା ଘରଗୁଡିକ ପାଇଁ ଉପଯୁକ୍ତ ଅଟେ । ଏହାବ୍ୟତୀତ କମ୍ପାନୀର ମେଲାମାଇନ୍, ଏନ୍ସି ଲାକ୍ୱେର, ସିଲର ଓ ୧କେ ପିୟୁ ଫିନିଶ୍ ସମେତ ବିସ୍ତୃତ ଶୃଙ୍ଖଳାର ଉଡ୍ କୋଟିଙ୍ଗ୍କୁ କାଠ ସାମଗ୍ରୀଗୁଡିକୁ ସଂରକ୍ଷିତ ରଖିବା ଓ ଉନ୍ନତ କରିବା ପାଇଁ ଗ୍ରାହକଙ୍କର ସମସ୍ତ ଆବଶ୍ୟକତାକୁ ପୂରଣ କରିବା ଲାଗି ଯତ୍ନର ସହ ନିର୍ମାଣ କରାଯାଇଛି, ଏହା ଉନ୍ନତ ସୁରକ୍ଷା ସହ ସୌନ୍ଦର୍ଯ୍ୟପୂର୍ଣ୍ଣ ଆବେଦକୁ ଏକତ୍ରିତ କରୁଛି । ମିଳିତ ଭାବେ ଏହି ସଲ୍ୟୁଶନଗୁଡିକ କାଠରେ ତିଆରି ସାମଗ୍ରୀଗୁଡିକୁ ଦୀର୍ଘସ୍ଥାୟୀ ସୌନ୍ଦର୍ଯ୍ୟତା ଓ ସୁରକ୍ଷା ସୁନିଶ୍ଚିତ କରୁଛି । ଏସମ୍ପର୍କରେ ସାଲିମାର ପେଣ୍ଟ୍ସର ସେଲ୍ସ ଓ ମାର୍କେଟିଂ ବିଭାଗର ନିର୍ଦ୍ଦେଶକ, କୁଲ୍ଦୀପ ରାଇନା କହିଛନ୍ତିଯେ, "ଏହି କାର୍ଯ୍ୟକ୍ରମ ଉଦ୍ଭାବନ ଓ ଉତ୍କର୍ଷତା ହାସଲ କରିବା ପ୍ରତି ସାଲିମାର ପେଣ୍ଟ୍ସର ନିରନ୍ତର ପ୍ରୟାସକୁ ସୂଚିତ କରୁଛି । ଆମେ ହିରୋ ସୁପର ପ୍ରିମିୟମ ଇଂଟେରିୟର ଇମଲ୍ସନର ସଫଳତା ଦ୍ୱାରା ଉତ୍ସାହିତ ଅଛୁ ଯାହା ଏକ ବର୍ଷ ମଧ୍ୟରେ ଗ୍ରାହକଙ୍କ ମଧ୍ୟରେ ଏକ ପସନ୍ଦର ବିକଳ୍ପରେ ପରିଣତ ହୋଇଛି । ଉଡ୍ କୋଟିଂ ଓ ଜିରୋ ଡ୍ୟାମ୍ପ ୱାଟରପ୍ରୁଫିଂ ପ୍ରଡକ୍ଟ ସମେତ ଆମର ବିସ୍ତୃତ ଶୃଙ୍ଖଳା ବିଶେଷ କରି ମୌସୁମୀ ଆସିଥିବାରୁ କାନ୍ଥଗୁଡିକୁ ଆର୍ଦ୍ରତା ଓ କ୍ଷତିରୁ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ଅଟେ । ଆମେ ନିଶ୍ଚିତ ଯେ, ଏହି ନୂତନ ଉତ୍ପାଦଗୁଡିକୁ ଆମର ଗ୍ରାହକମାନେ ବହୁମାତ୍ରାରେ ଗ୍ରହଣ କରିବେ ।"